## ସଂକ୍ଷେପରେ

### ଶୌଚ ବେଳେ ଯୁବକଙ୍କୁ କାମୁଡ଼ିଲା ଭାଲୁ

ପାପଡ଼ାହାଣ୍ଡି, ୨୩।୩ (ସ୍ୱପ୍ନଜିତ ପଟ୍ଟନାୟକ)

ଶୌଚ ସମୟରେ ଆକ୍ରମଣ କଲା ଭାଲୁ। ଆକ୍ରମଣରେ ମୁଣ୍ଡ ଓ ଗୋଡ଼କୁ କ୍ଷତାକ୍ତ ହୋଇଗଲା। ଗୁରୁତର ଅବସ୍ଥାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚିବା ପରେ ମେଡିକାଲରେ ଭର୍ତ୍ତି କରାଯାଇଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଛୋଟାଗୁଡ଼ାରେ ସୋମବାର ଏପରି ଘଟଣା ଦେଖିବାକୁ ମିଳିଛି। ସକାଳୁ ଶୌଚ ପାଇଁ ଯାଇଥିବା ଖଗପତି ବିଦ୍ଧାଣି ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ଭାଲୁ ତାଙ୍କୁ ଆକ୍ରମଣ କରିବା ଦେଖି ସେ ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଗାଁ କୁ ଆମ୍ବୁଲାନ୍ସ ଯାଇ ପାରୁନଥିବାରୁ ଏକ ଖଟିଆରେ ୩ କିମି ବୋହି ଆମ୍ବୁଲାନ୍ସ ନିକଟକୁ ତାଙ୍କୁ ନିଆଯାଇଥିଲା। ସେଠାରୁ ପାପଡ଼ାହାଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

### ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ପତ୍ର ଅଭିଭାବଙ୍କୁ ପ୍ରଦାନ

ନବରଙ୍ଗପୁର, ୨୩।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁ ସିନ୍ଧିଗୁଡ଼ାରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିଶୁମାନଙ୍କ ସହିତ ଭାବ ବିନିମୟ କରିଥିଲେ। ପିଲାମାନଙ୍କୁ ବିଦ୍ୟାଳୟର ନାମ ଲେଖା ପାଇଁ ଉତ୍ସାହିତ କରିବା ସହ ଏପ୍ରିଲ ୨ରେ ଅନୁଷ୍ଠିତ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରେ ଯୋଗ ଦେବାକୁମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ଓ ଗୋଲାପି ଫୁଲ ଦେଇ ନିମନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମରେ ଡିଇଓ ଛତ୍ରପତି ସାହୁ, ଏଡିଇଓ ଶ୍ରୀକାନ୍ତ ଜାନି, ଜିଲାପରିଷଦ ସଭ୍ୟ ଦିବ୍ୟଦାନ ସୁନା, ସିଆର୍‌ସିସି ଓ ସ୍ଥାନୀୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ଯୁବକ ମୃତ

ଡାବୁଗାଁ, ୨୩।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନାର ସିଂସାରି ଫାଣ୍ଡି ଅଧୀନ ଲହରାଗୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କର ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ଏ ନେଇ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଡାବୁଗାଁ ଶିଂସାରୀ ଫାଣ୍ଡି ଅଧୀନ ଲହରାଗୁଡ଼ା ଗ୍ରାମର ଘନ ଭତ୍ରା (୩୫)। ସୂଚନାନୁଯାୟୀ, ଘନ ରବିବାର ସନ୍ଧ୍ୟାରେ ଶୌଚ ପାଇଁ ଗାଁ ପାଖ ପୋଖରୀକୁ ଯାଇଥିଲେ। ସେଠାରେ ଗୋଡ଼ ଖସି ଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ରାତି ୭ଟା ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ପୋଖରୀରେ ଘନଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ସୋମବାର ସକାଳୁ ମୃତକଙ୍କ ଭାଇ ଲକିନାଥ ଭତ୍ରା ଡାବୁଗାଁ ଥାନାରେ ଏକ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦୁର୍ଗମ ଅଞ୍ଚଳରେ କ୍ୟାମ୍ପ୍ କରାଯାଇ ସେବା ଯୋଗାଇ ଦିଆଯିବ

## ରେଙ୍ଗାପଦରରେ ଆଧାରକାର୍ଡ ପାଇଁ ବାସସ୍ଥାନ କ୍ୟାମ୍ପ କରାଗଲା

ଗୁଡାରି, ୨୩।୩ (ପ୍ରମୋଦ କୁମାର ପତି)



ଅତିରିକ୍ତ ତହସିଲଦାର ଓ ଅନ୍ୟ କର୍ମଚାରୀ ପ୍ରମାଣପତ୍ର ନିମନ୍ତେ ଆବେଦନ କରୁଛନ୍ତି।

ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଗତ ୧୬ ତାରିଖରେ ଗୁଡାରି ବ୍ଲକର ମଧୁବନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳ କରଲାଗୁଡ଼ି, ରେଙ୍ଗାପଦର ଓ କେପିଟି ଗାଁକୁ ଯାଇ ଲୋକଙ୍କ ମୌଳିକ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ୩ ଗ୍ରାମକୁ ଯାତାୟାତ ନିମନ୍ତେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଏହି ୩ ଗ୍ରାମ ସମେତ ନିକଟସ୍ଥ ଗ୍ରାମର ଅନେକ ଲୋକଙ୍କ ଆଧାର କାର୍ଡ ନ ଥିବାରୁ ସେମାନଙ୍କୁ ଖାଉଟି କାର୍ଡ, ଜନନୀ ସୁରକ୍ଷା କାର୍ଡ, ଜବକାର୍ଡ ମିଳିନାହିଁ ଏବଂ ୫ ବର୍ଷରୁ ଊର୍ଦ୍ଧ୍ୱ ପିଲା ମଧ ପାଠ ପଢ଼ିବାରୁ ବଞ୍ଚିତ ଥିବା ଜିଲାପାଳ ଜାଣିବାକୁ ପାଇଥିଲେ। ତେଣୁ ଏହି ଲୋକଙ୍କୁ ଆଧାର କାର୍ଡ ପ୍ରଦାନ କରିବା ନିମନ୍ତେ କ୍ୟାମ୍ପ କରିବା ପାଇଁ ଜିଲାପାଳ ଗୁଡାରି ବିଡ଼ିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁଡାରି ବ୍ଲକ୍‌ର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ରେଙ୍ଗାପଦରଠାରେ ଆଧାରକାର୍ଡ ନିମନ୍ତେ ବାସସ୍ଥାନ ପ୍ରମାଣପତ୍ର କ୍ୟାମ୍ପ ସୋମବାର ଆୟୋଜିତ ହୋଇଛି। ଗୁଡାରି ବିଡ଼ିଓ ସୁଚିସ୍ମିତା ବେହେରା ଓ ତହସିଲଦାର ଏ. ସ୍ନେହଲତାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ସୁନୀଲ ଶବର ରେଙ୍ଗାପଦର ଯାଇ କ୍ୟାମ୍ପ କରିଥିଲେ।

ଅତିରିକ୍ତ ତହସିଲଦାର, ଢେପାଗୁଡା ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ସନ୍ତୋଷ କୁମାର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ମଧୁବନ ସରପଞ୍ଚ ବଂଶୀ ଶବରଙ୍କ ସମେତ ତହସିଲ କାର୍ଯ୍ୟାଳୟ କର୍ମଚାରୀ, ସମ୍ପୃକ୍ତ ଗ୍ରାମର ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ଘଟଣାସ୍ଥଳରେ ୬୦ ଜଣଙ୍କ ବାସସ୍ଥାନ ପ୍ରମାଣପତ୍ର ନିମନ୍ତେ ଅନ୍‌ଲାଇନରେ ଆବେଦନ କରିଥିଲେ। ଏହାଛଡ଼ା ୭୦ ଜଣଙ୍କ ବାସସ୍ଥାନ ପ୍ରମାଣପତ୍ର ନିମନ୍ତେ ଆବଶ୍ୟକୀୟ କାଗଜ ପତ୍ର ଅଣାଯାଇଛି ଏବଂ ସେମାନଙ୍କ ବାସସ୍ଥାନ ପ୍ରମାଣ ପତ୍ର ନିମନ୍ତେ ଆବେଦନ କରାଯିବ ବୋଲି ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି। ପ୍ରଥମ କ୍ୟାମ୍ପରେ କେପିଟି, କରଲାଗୁଡ଼ି, ଲାଖବେଟା ଓ ରେଙ୍ଗାପଦର ଗ୍ରାମର ପ୍ରାୟ ୧୩୦ ଜଣଙ୍କ ବାସସ୍ଥାନ ପ୍ରମାଣପତ୍ର ଦିଆଯିବ। ବାସସ୍ଥାନ ପ୍ରମାଣ ପତ୍ର ପ୍ରଦାନ ପରେ ସେଠାରେ ଆଧାର କାର୍ଡ ନିମନ୍ତେ ଖୁବ୍‌ଶୀଘ୍ର କ୍ୟାମ୍ପ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଏହାଛଡ଼ା ବ୍ଲକର ଯେଉଁ ଦୁର୍ଗମ ଅପହଞ୍ଚ ଗ୍ରାମ ଅଛି ପର୍ଯ୍ୟାୟକ୍ରମେ ସମସ୍ତ ଗ୍ରାମରେ ବାସସ୍ଥାନ ପ୍ରମାଣପତ୍ର କ୍ୟାମ୍ପ କରି ଆଧାର କାର୍ଡ କ୍ୟାମ୍ପ କରାଯିବ ଏବଂ ଆଧାର କାର୍ଡ ପ୍ରଦାନ କରାଯାଇ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ବିଡ଼ିଓ କହିଛନ୍ତି। ଅପହଞ୍ଚ ଗ୍ରାମରେ ବ୍ଲକରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ଉଭୟ ବିଡ଼ିଓ ଏବଂ ତହସିଲଦାରଙ୍କୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

# ଉପର ଜୁମୁରୁଗୁଡ଼ା ଛାତ୍ରୀଛାତ୍ରଙ୍କ କୃତିତ୍ୱ

## ଆଦର୍ଶ, ନବୋଦୟ, ଏକଲବ୍ୟ ବିଦ୍ୟାଳୟ ପ୍ରବେଶ ଚୟନ ପରୀକ୍ଷା

ପଦ୍ମପୁର, ୨୩।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅଧୀନ ଉପର ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ୫ଜଣ ମେଧାବୀ ଛାତ୍ରୀଛାତ୍ର ଚଳିତ ଶିକ୍ଷାବର୍ଷ ୨୦୨୫-୨୦୨୬ ନିମନ୍ତେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ପ୍ରବେଶ ପରୀକ୍ଷା ଦେଇ ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ବୃଷଭାନୁ ଶବର, ଧରିତ୍ରୀ ସାହୁ, ରିଙ୍କି ବେହେରା, ମିତାଲି ସାହୁ ଓ ଛାତ୍ର ସିପୁନ ସାହୁ। ସମସ୍ତ ଛାତ୍ରୀଛାତ୍ରଙ୍କ ମାତାପିତା ଗରିବ ଓ ଦିନ ମଜୁରିଆ ଶ୍ରେଣୀର। ବିଦ୍ୟାଳୟର ଶ୍ରେଣୀ ଶିକ୍ଷକ ଦିଲୀପ କୁମାର କର, ପ୍ରଧାନ ଶିକ୍ଷକ ଭୁବନାନନ୍ଦ ଖାଡ଼ଙ୍ଗା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉଦ୍ୟମ ଯୋଗୁ ପିଲାମାନେ ଏହି ସଫଳତା ପାଇପାରିଛନ୍ତି ବୋଲି ଅଭିଭାବକମାନେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ୩ୟ ଓ ୫ମ ବୃତ୍ତି ପରୀକ୍ଷା,ଆଦର୍ଶ ନବୋଦୟ ପରୀକ୍ଷାରେ କୃତିତ୍ୱ ହାସଲ କରି ବିଦ୍ୟାଳୟର ସୁନାମ ବଢ଼ାଇବାରେ ସକ୍ଷମ ହୋଇପାରିଛନ୍ତି।

# ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

ବିଷମକଟକ, ୨୩।୩ (ପ୍ରସନ୍ନ କୁମାର ପଣ୍ଡା)



ମୃତ ଉତ୍ତମ କୁମାର ରଣା।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟ ମୁନିଗୁଡା ପଞ୍ଚାୟତ ମାଳିଶିରିପୁର ଗ୍ରାମର ଜଣେ ଯୁବକ ଉତ୍ତମ କୁମାର ରଣା (୩୮) ବେଙ୍ଗାଲୁରୁରେ ରହୁଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ରବିବାର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୋମବାର ମୃତ୍ୟୁ ଘଟିଛି। ସେ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ପ୍ରାୟ ୧୫ ବର୍ଷ ହେଲା କାର୍ଯ୍ୟ କରୁଥିଲେ। କିଛି ଦିନ ତଳେ ସେ ତାଙ୍କ ଅସୁସ୍ଥ ବାପାଙ୍କୁ ଦେଖିବାକୁ ନିଜ ଗ୍ରାମ ମାଳି ଶିରିପୁର ଆସିଥିଲେ। ଗତ ୧୫ ତାରିଖରେ ସେ ବେଙ୍ଗାଲୁରୁ ନିଜ କର୍ମସ୍ଥଳୀକୁ ଯାଇଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ହାଟ ମୁନିଗୁଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଲାୟନ୍ସ କ୍ଲବ ତରଫରୁ କ୍ୟାନ୍‌ସର ସ୍କ୍ରିନିଂ କ୍ୟାମ୍ପ




ଶିବିରରେ ଉପସ୍ଥିତ ଲାୟନ୍ସ କ୍ଲବ୍ କର୍ମକର୍ତ୍ତା ଏବଂ ଡାକ୍ତରମାନେ।

ରାୟଗଡା, ୨୩।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଲାୟନ୍ସ କ୍ଲବ ଓ ଏକ ଘରୋଇ କ୍ୟାନ୍‌ସର ହସ୍ପିଟାଲ ସହାୟତାରେ ଏକ ମାଗଣା କ୍ୟାନସର ସ୍କ୍ରିନିଂ କ୍ୟାମ୍ପ ସୋମବାର ଆୟୋଜିତ ହୋଇଯାଇଛି। ଉକ୍ତ କ୍ୟାମ୍ପରେ କ୍ୟାନ୍ସର ହସ୍ପିଟାଲର ଦୁଇଜଣ ଅଭିଜ୍ଞ ଡାକ୍ତର ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ ସଭାପତି ଲାଲବିହାରୀ ଲେଙ୍କା ଓ ସେକ୍ରେଟାରୀ କେ. ଶ୍ରୀନିବାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଭି ଏଲ ରାଜୁ, ଲାୟନ ସତ୍ୟବାଦି ପତି, ଲାୟନ ରମେଶ ଚନ୍ଦ୍ର ଗୋଲାନି, ପ୍ରଶନ୍ନ କୁମାର ଗନ୍ତାୟତ (ଜେଡ୍‌ସି) ଟି ଜୟରାମ, ବାବୁ ରାଓ ମହାନ୍ତି, ପ୍ରତାପ ଚନ୍ଦ୍ର ବାଉରୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ ୫୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସନ୍ଧ୍ୟାରେ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୋଟିଏ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବାଳିକାଙ୍କୁ କ୍ୟାନ୍ସର ଉପରେ ସଚେତନ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ସଦାସର୍ବଦା ଚାଲୁ ରହିବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

# ୧୮ ଫୁଟ୍‌ର ଅହିରାଜ ଉଦ୍ଧାର

ମାଲକାନଗିରି, ୨୩।୩ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍.ପି.ଭି. ୧୮ ଗ୍ରାମରେ ଏକ ୧୮ ଫୁଟ ଲମ୍ବର ଅହିରାଜ (କିଙ୍ଗ କୋବ୍ରା) ସାପ ଉଦ୍ଧାର କରାଯାଇଛି। ସାପଟି ଘର ଭିତରେ ଥାଇ ଗର୍ଜନ କରିବାରୁ ଆଖପାଖରେ ଥିବା ଲୋକେ ଭୟଭୀତ ହୋଇ କାଲିମେଳା ବନ ବିଭାଗ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସାପ ଧରାଳୀ ସହାୟତାରେ ଘର ଭିତରୁ ସାପକୁ ଧରିବାରେ ସଫଳ ହୋଇଥିଲେ। ଏହି ସାପଟି ନିକଟସ୍ଥ ଜଙ୍ଗଲରୁ ଗାଁ ଭିତରକୁ ପସି ଜଣକ ଘର ଭିତରେ ପଶି ଯାଇଥିଲା। ସାପର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଥିବା ସୂଚନା ମିଳିଛି।

# ଅଧାପନ୍ତରିଆ କଲ୍ୟାଣମଣ୍ଡପ ସମ୍ପୂର୍ଣ୍ଣ ନେଇ ଦାବିପତ୍ର

କଲ୍ୟାଣସିଂହପୁର, ୨୩।୩ (ଦୀପକ କୁମାର ପରିଡା)




ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ସଦରରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଥିବା କଲ୍ୟାଣମଣ୍ଡପ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନେଇ ସୋମବାର ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ମାଝୀଗୁଡା (ସିକରପାଇ) ମଣ୍ଡଳ ସଭାପତି ଅନିଲ କୁମାର ଜାଡିଙ୍କ ନେତୃତ୍ୱରେ ଗ୍ରାମବାସୀ ସୋମବାର କଲ୍ୟାଣସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସଙ୍କୁ ଭେଟି ଏହି ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ୪।୬।୨୦୨୧ରେ କଲ୍ୟାଣ ମଣ୍ଡପ କାମ ଆରମ୍ଭ କରାଯାଇଥିଲା। କିନ୍ତୁ ଅନେକ ବର୍ଷ ହୋଇଗଲାଣି କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ସଭା, ସାମାଜିକ କାର୍ଯ୍ୟ ତଥା ଜନକଲ୍ୟାଣ କାର୍ଯ୍ୟ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ଉକ୍ତ କଲ୍ୟାଣମଣ୍ଡପ ଲୋକଙ୍କ ବ୍ୟବହାରରେ ଆସିପାରୁ ନାହିଁ। ସିକରପାଇ ଗ୍ରାମବାସୀଙ୍କ ସୁବିଧା ପାଇଁ କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଲାଗି ବ୍ଲକ୍ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଭାଜପା ନେତା ଅନିଲ ଜାଡି ଅନୁରୋଧ କରଛନ୍ତି। ବିଡିଓଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମନୋଜ କୁମାର ସେଠି, ଦାଶ୍ରୀ ପୀଡିଷିକା, ଜନାର୍ଦ୍ଦନ ରାଓ, ସଞ୍ଜୟ ବାଗ, କାସ୍ତୁ ପୀଡିଷିକା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମାଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ଦିଗପହଣ୍ଡି, ୨୩।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗ୍ରାମର ମାଟ୍ରିକ ପରୀକ୍ଷା ଦେଇଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଟୁନା ସେଠୀଙ୍କ ଝିଅ ଅର୍ଚ୍ଚିତା ସେଠୀ (୧୬)। ପୋଲିସ ସୋମବାର ମୃତଦେହ ଜବତ କରି ନଂ.୧୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ପୂର୍ବାହ୍ନରେ ଅର୍ଚ୍ଚିତା ହଠାତ୍ ବାରମ୍ବାର ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ବ୍ରହ୍ମପୁର ନେଇଥିଲେ। ସେଠାରେ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଅର୍ଚ୍ଚିତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ବଡ଼ଭାଇ କିରଣ ସେଠୀ ଏନେଇ ଥାନାରେ ଏତଲା ଦେଇଥିଲେ ବୋଲି ଆଇଆଇସି କିଶୋର ସାମଲ କହିଛନ୍ତି।

# ରେଞ୍ଜର ଅଫିସ ନିକଟରେ ଜଳୁଛି ଜଙ୍ଗଲ

ଖଜୁରିପଡ଼ା, ୨୩।୩ (ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍ ସୁଡୁକୁମ୍ପା ରେଞ୍ଜ କାର୍ଯ୍ୟାଳୟକୁ ଲାଗି ରହିଥିବା ଜଙ୍ଗଲରେ ଦୀର୍ଘ ସମୟ ଧରି ନିଆଁ ଲାଗି ବହୁ ମୂଲ୍ୟବାନ ସମ୍ପଦ ନଷ୍ଟ ହେବାରେ ଲାଗିଛି। ଜଙ୍ଗଲର କିଛି ଅଂଶ ପୋଡ଼ି ପାଉଁଶ ହୋଇଯାଉଥିବା ବେଳେ ବନ୍ୟଜନ୍ତୁ ମଧ ବିପଦରେ ରହିଛନ୍ତି। ଏନେଇ ରେଞ୍ଜର ମାନସ ରଞ୍ଜନ ସାହୁ କହିଛନ୍ତି ଯେ, ଜଙ୍ଗଲରେ ନିଆଁ ଲାଗିଥିବା ଗଣମାଧମରୁ ଖବର ପାଇଛୁ। ଖୁବ୍ ଶୀଘ୍ର ଆମ ଟିମ୍ ପଠାଇ ନିଆଁକୁ ଲିଭାଇବୁ ବୋଲି କହିଛନ୍ତି।

# ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବାରୁ ବିଡିଓଙ୍କ ଦ୍ୱାରସ୍ଥ ହେଲେ ମହିଳା

ପଦ୍ମପୁର, ୨୩।୩ (ପ୍ରଶାନ୍ତ କୁମାର କର)

ଗରିବ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଚିହ୍ନଟ ପ୍ରକ୍ରିୟା ଠିକ୍ ଭାବେ ହୋଇ ନ ଥିବା ଯୋଗୁଁ ଗରିବ ଖଟିଖିଆ ମହିଳାମାନେ ଏହି ଯୋଜନାରୁ ବାଦ୍ ପଡିଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତର ଆମ୍ବାବାଡି ଗ୍ରାମରୁ ଏଭଳି ଏକ ଅଭିଯୋଗ ଆସିଛି । ଗ୍ରାମର ଦୁଷ୍ମନ ଶବରଙ୍କ ସ୍ତ୍ରୀ ମମାନି ଶବର ଜଣେ ଦିନ ମଜୁରିଆ ହୋଇଥିବାବେଳେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ନେଇ ସେ ସୋମବାର ପଦ୍ମପୁର ବିଡିଓ କୁରେଶୁ ଚନ୍ଦ୍ର ଜାନୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଦିନ ମଜୁରିଆ ଭାବେ ସେମାନେ ପରିବାର ପ୍ରତିପୋଷଣ କରୁଥିବାବେଳେ ସେମାନଙ୍କର କିମ୍ବା ତାଙ୍କ ମା' ବାପାଙ୍କ ନାମରେ କୌଣସି ଜମି ବାଡ଼ି ନାହିଁ । ମାତ୍ର ସୁଭଦ୍ରା ଯୋଜନା ପାଇଁ ଆଧାରକେନ୍ଦ୍ରରେ ଆବେଦନ କରିଥିଲେ ମଧ ବାରମ୍ବାର ୫ ଏକରରୁ ଅଧିକ ଜମିବାଡ଼ି ଥିବା ଦର୍ଶାଇ ତାଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍ ଦିଆଯାଇଛି। ତାଙ୍କର କୌଣସି ଜମିବାଡ଼ି ନ ଥିବା ମହିଳା ଜଣକ ବିଡିଓଙ୍କୁ କହିବା ସହ ତଦନ୍ତ କରି ସୁଭଦ୍ରା ଯୋଜନାରେ ତାଙ୍କୁ ଯୋଡିବା ପାଇଁ ସେ ଅନୁରୋଧ କରିଛନ୍ତି।

# ୧୫ ବର୍ଷ ପରେ ଘରକୁ ଫେରିଲା ନିଖୋଜ ପୁଅ

ଉମରକୋଟ, ୨୩।୩(ସନ୍ତୋଷ ଶତପଥୀ)

ଦୀର୍ଘ ୧୫ ବର୍ଷ ତଳେ ଘରୁ ପଳାଇଥିଲେ। ସେତେବେଳେ ସେ ନାବାଳକ ଥିଲେ। ଏହା ମଧ୍ୟରେ ପୁଅ ଫେରିବା ବାଟକୁ ଚାହିଁଚାହିଁ ବାପା ପରପାରିକୁ ଚାଲିଗଲେଣି। ମା' ଓ ଅନ୍ୟ ଭଉଣୀ ଭାଇ କିନ୍ତୁ ତାଙ୍କ ଆସିବା ବାଟକୁ ଅନାଇ ବସିଥିଲେ। ସୋମବାର ଯୁବକ ଜଣକ ଘରକୁ ଫେରିଛନ୍ତି। ଗାଁ ଓ ପରିବାର ଲୋକେ ବାଜା ବଜାଇ ତାଙ୍କୁ ସ୍ୱାଗତ କରିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ପଦିଆଗୁଡା ଗ୍ରାମରେ ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା।

ସୂଚନାନୁଯାୟୀ ଦୀର୍ଘ ୧୫ ବର୍ଷ ତଳେ ଜଗଦୀଶ ମାଝୀଙ୍କ ପୁଅ ହରିଚରନ ଗାଁ ପାଖ ଜଣେ ବ୍ୟକ୍ତିଙ୍କ ପ୍ରଲୋଭନରେ ପଡ଼ି ତାଙ୍କ ସହ ଘରୁ ବାହାରି ଯାଇଥିଲେ। ସେତେବେଳେ ହରିଚରନଙ୍କ ବୟସ ମାତ୍ର ୧୨ ବର୍ଷ ହୋଇଥିବା ବେଳେ ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ହରିଚରନ ଯେଉଁ ବ୍ୟକ୍ତିଙ୍କ ସହ ଘରୁ ପଳାଇଥିଲେ ସେ ଲୋକ ୨୦ଦିନ ପରେ ଗାଁକୁ ଫେରି ଆସିଥିଲେ। କିନ୍ତୁ ହରିଚରନ ଘରକୁ ଆସି ନ ଥିଲେ। ସେତେବେଳେ ପରିବାର ଲୋକ ବହୁତ ଖୋଜାଖୋଜି କରିବା ପରେ ମଧ ହରିଚରନଙ୍କ କୌଣସି ପତ୍ତା ମିଳି ନ ଥିଲା। ଏହା ମଧ୍ୟରେ ଜଗଦୀଶଙ୍କ ମୃତ୍ୟୁ ହୋଇଯାଇଥିଲା। ହରିଚରନ ରାଜସ୍ଥାନରେ କାମ କରୁଥିଲେ। କିନ୍ତୁ ଉକ୍ତ ମାଲିକ କୌଣସି ଟଙ୍କା ନ ଦେଇ ନିର୍ଯାତନା ଦେଉଥିଲେ। ସେଠାକାର ଶ୍ରମ ବିଭାଗ ଉକ୍ତ ସ୍ଥାନରେ ଚଢ଼ାଉବେଳେ ହରିଚରନଙ୍କୁ ଧରି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲେ। ସେହିସମୟରେ ହରିଚରନ କୌଣସି ପରିଚୟ ଦେଇ ନ ପାରିବାରୁ ପୋଲିସ ରାଜସ୍ଥାନ ଜୟପୁର ଆଲବର୍‌ରେ ଥିବା 'ଏକ ଅପନା ଘର' ନାମକ ଏକ ଆଶ୍ରମକୁ ତାଙ୍କୁ ହସ୍ତାନ୍ତର କରି ଦେଇଥିଲେ। ୨ ଦିନ ତଳେ ହରିଚରନ ନିଜ ଗାଁ ଓ ପଞ୍ଚାୟତର ନାମ କହିବା ପରେ ଆଶ୍ରମ କର୍ତ୍ତୃପକ୍ଷ ଗୁଗଲରେ ସର୍ଚ୍ଚ କରି ବୁର୍ଜା ପୂର୍ବତନ ସରପଞ୍ଚ ବୀରସିଂ ମାଝୀଙ୍କ ମୋବାଇଲ ନମ୍ବର ପାଇ ଯୋଗାଯୋଗ କରିଥିଲେ। ହରିଚରନଙ୍କ ଫଟୋ ସେମାନଙ୍କୁ ପଠାଯାଇଥିଲା। ଫଟୋ ମିଳିବା ପରେ ଆଶ୍ରମ କର୍ତ୍ତୃପକ୍ଷ ହରିଚରନଙ୍କୁ ନେଇ ଯିବା ପାଇଁ ଅନୁରୋଧ କରିଥିଲେ। ବୁର୍ଜା ପୂର୍ବତନ ସରପଞ୍ଚ ବୀରସିଂ ମାଝୀ, ହରିଚରନଙ୍କ ଭାଇ ଜୟଦେବ ମାଝୀ, ଶୋଭାସିଂ ଗଣ୍ଡ ଓ ଧନସାଇ ଗୌଡ଼ ସେଠାକୁ ଯାଇ ସମସ୍ତ କାଗଜ ପତ୍ର ପ୍ରକ୍ରିୟା ସରିବା ପରେ ହସ୍ତାନ୍ତର କରିଥିଲେ। ଏହାପରେ ସମସ୍ତେ ହରିଚରନଙ୍କୁ ଧରି ସୋମବାର ଗାଁରେ ପହଞ୍ଚିଥିଲେ। ଗ୍ରାମବାସୀ ବାଜା ବଜେଇ ଶୋଭାଯାତ୍ରାରେ ହରିଚରନଙ୍କୁ ସ୍ୱାଗତ କରିଛନ୍ତି। ହରିଚରନଙ୍କୁ ଦେଖି ଖୁସି ଥିବା ମା' ଓ ସବୁ ଭଉଣୀ ଭାଇ କହିଛନ୍ତି।




ଆଶ୍ରମ କର୍ତ୍ତୃପକ୍ଷ ହରିଚରନଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରୁଛନ୍ତି।

# ୮୬ ଅଭିଯୋଗ ଶୁଣାଣି, ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

## ଗୁଣପୁରରେ ଯୁଗ୍ମ ଜନ ଶୁଣାଣି ଶିବିର

ଗୁଣପୁର, ୨୩।୩
(ସୁଜାତା ପାଢ଼ୀ/ ସଂକେତ ପାତ୍ର)




ଗୁଣପୁର ଉପଜିଲାପାଳ, ଏସ୍‌ପି ଏବଂ ଅତିରିକ୍ତ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି ।

ରାୟଗଡ଼ା ଜିଲା ଗୁଣପୁର ଉପ ଜିଲାପାଳଙ୍କ ସଭା ଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଆରକ୍ଷୀ ଅଧୀକ୍ଷକ ସ୍ୱାଧି ଏସ୍ କୁମାର, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲାପାଳ ଦୁଧାଳ ଅଭିଷେକ ଦିଲୀପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୮୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୫୩ଟି ବ୍ୟକ୍ତିଗତ, ୩୩ଟି ସାମୂହିକ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା । ସମସ୍ତ ଅଭିଯୋଗ ଅତିରିକ୍ତ ଜିଲାପାଳ ଗ୍ରହଣ କରିବା ପରେ ଅଭିଯୋଗଗୁଡ଼ିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତଗୁଡ଼ିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ଶିବିରରେ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିଚୁଆନ, ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଏସିଏଫ ସଞ୍ଜୀବ କୁମାର ପୃଷ୍ଟି, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ରାସ୍ତା କୋଠାବାଡ଼ି ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ଗୁଣପୁର ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

**ସଂକ୍ଷେପରେ**

## ଶୌଚ ବେଳେ ଯୁବକଙ୍କୁ କାମୁଡ଼ିଲା ଭାଲୁ

ପାପଡ଼ାହାଣ୍ଡି, ୨୩।୩ (ସ୍ୱପ୍ନଜିତ ପଟ୍ଟନାୟକ)

ଶୌଚ ସମୟରେ ଆକ୍ରମଣ କଲା ଭାଲୁ। ଆକ୍ରମଣରେ ମୁଣ୍ଡ ଓ ଗୋଡ଼କୁ କ୍ଷତାକ୍ତ ହୋଇଗଲା। ଗୁରୁତର ଅବସ୍ଥାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚିବା ପରେ ମେଡିକାଲରେ ଭର୍ତ୍ତି କରାଯାଇଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ଛୋଟାଗୁଡ଼ାରେ ସୋମବାର ଏପରି ଘଟଣା ଦେଖିବାକୁ ମିଳିଛି। ସକାଳୁ ଶୌଚ ପାଇଁ ଯାଇଥିବା ଖଗପତି ବିନ୍ଧାଣି ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ଭାଲୁ ତାଙ୍କୁ ଆକ୍ରମଣ କରିବା ଦେଖି ସେ ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଗାଁ କୁ ଆମ୍ବୁଲାନ୍ସ ଯାଇ ପାରୁନଥିବାରୁ ଏକ ଖଟିଆରେ ୩ କିମି ବୋହି ଆମ୍ବୁଲାନ୍ସ ନିକଟକୁ ତାଙ୍କୁ ନିଆଯାଇଥିଲା। ସେଠାରୁ ପାପଡ଼ାହାଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

## ରାଜ୍ୟସ୍ତରରେ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସମ୍ମାନିତ

ନବରଙ୍ଗପୁର, ୨୩।୩(ସଦାଶିବ ପ୍ରହରାଜ)

ବିଶ୍ୱ ବନ ଦିବସ ଉପଲକ୍ଷେ ଭୁବନେଶ୍ୱର ଲୋକସଭା ଭବନ କନଭେସନରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା କୋଡିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରିଛନ୍ତି। ଏହି




ସମୟରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଅତିରିକ୍ତ ଶାସନ ସଚିବ (ଜଙ୍ଗଲ ବିଭାଗ) ଭାସ୍କର ଜ୍ୟୋତି ଶର୍ମା, ପିସିସିଏଫ୍ ଓ କେ.ମୂର୍ଗାସେନ୍ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ୪ ଜଣ ରେଞ୍ଜର ଏହି ସମ୍ମାନ ପାଇଛନ୍ତି। ରେଞ୍ଜର ପୂର୍ଣ୍ଣଚନ୍ଦ୍ର ଜଣେ କର୍ତ୍ତବ୍ୟନିଷ୍ଠ ଓ ପରିବେଶ ପ୍ରେମୀ ଅଧିକାରୀ ଭାବେ ପରିଚିତ ଥିଲେ। ସେ ନିଜ ଦାୟିତ୍ୱ କ୍ଷେତ୍ରରେ ବନ ସୁରକ୍ଷା, ଚାରାରୋପଣ, ଜୀବ ବିବିଧତାର ସୁରକ୍ଷା ଓ ଅବୈଧ କାଠ କଟା ରୋକିବା ଆଦି ଉଲ୍ଲେଖନୀୟ କାମ କରିଛନ୍ତି। ସେହିଭଳି ବର୍ଣ୍ଣମାଳା ଉଦ୍ୟାନକୁ ନେଇ ପୂର୍ବରୁ ପ୍ରଥମ ସ୍ଥାନ ପାଇ ପ୍ରଶଂସିତ ହୋଇ ସମ୍ମାନୀତ ହୋଇ ସାରିଛନ୍ତି।

## ଦାଦାବଟି ମାଗିବା ମାମଲା: ୨ ଯୁବକ କୋର୍ଟ ଚାଲାଣ

ଲକ୍ଷ୍ମୀପୁର, ୨୩।୩ (ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ସାପ୍ତାହିକ ହାଟରେ ଦାଦାବଟି ମାଗିବା ସହ ମୋବାଇଲ ଭାଙ୍ଗିବା ମାମଲାରେ ସଦରର ଜୀ.ଶୁଭମ ଓ ଭଜମନ କୁଲଦୀପଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ୨ ସପ୍ତାହ ତଳେ ଶନିବାର ସାପ୍ତାହିକ ହାଟରେ ୨ ଯୁବକ ବ୍ୟବସାୟୀଙ୍କୁ ଭୟଭୀତ କରାଇ ଦାଦାବଟି ମାଗି ଜଣେ ଖବରଦାତାଙ୍କ ମୋବାଇଲ ଭାଙ୍ଗି ଦେଇଥିଲେ। ୧୫ ଦିନ ହେବ ସେମାନେ ଫେରାର ରହିଥିଲେ। ଏ ନେଇ ଲକ୍ଷ୍ମୀପୁର ଥାନାରେ ନଂ.୩୪/୨୬ରେ ମାମଲା ରୁଜୁ ହୋଇଥିଲା।

# ମାଲକାନଗିରିକୁ ବାଲ୍ୟବିବାହ ମୁକ୍ତ କରିବା ଆମର ସଂକଳ୍ପ

ମାଲକାନଗିରି, ୨୩।୩ (ଗୌରିଶଙ୍କର ପଣ୍ଡା)

### ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ଜିଲା ଗସ୍ତ

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ସୋମବାର ମାଲକାନଗିରି ଜିଲା ଗସ୍ତକରି ଶିଶୁଙ୍କ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଜିଲାକୁ ସମ୍ପୂର୍ଣ୍ଣ ରୂପେ ବାଲ୍ୟ ବିବାହମୁକ୍ତ କରିବାକୁ ପ୍ରାଥମିକତା ଦେଇଛନ୍ତି।

ମାଲକାନଗିରି ଜିଲା ଏକ ଜନଜାତି ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ଶିଶୁ ଚାଲାଣ, ସ୍କୁଲ ଡ୍ରପ୍‌ଆଉଟ, ବାଲ୍ୟବିବାହ ଏବଂ ଶିଶୁ ଅତ୍ୟାଚାର ରୋକିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ବା ଖସଡ଼ା ପ୍ରସ୍ତୁତ କରାଯାଉଛି। ଶିଶୁଙ୍କ ଅପପୁଷ୍ଟି ନିରାକ୍ଷଣ ସହ ଦାଦନ ଶ୍ରମିକଙ୍କ ପିଲାଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିବ, ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ସଦସ୍ୟା ନାୟକ କହିଛନ୍ତି । ସେହିପରି 'ମିଶନ ବାସଲ୍ୟ' ଯୋଜନା ମାଧ୍ୟମରେ ଅନାଥ ଶିଶୁଙ୍କ କଲ୍ୟାଣ ପାଇଁ କାର୍ଯ୍ୟକୁ ଅଧିକ




ବୈଠକରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକଙ୍କ ସହ ଅନ୍ୟ ଅଧିକାରୀମାନେ।

ତ୍ୱରାନ୍ୱିତ କରାଯିବ। ଆଧୁନିକ ଯୁଗରେ ଶିଶୁମାନେ ଇଣ୍ଟରନେଟ ବ୍ୟବହାର କରୁଥିବାରୁ ସେମାନଙ୍କ ମଧ୍ୟରେ 'ଡିଜିଟାଲ ସେଫ୍ଟି' ବା ଡିଜିଟାଲ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସଦସ୍ୟା ପ୍ରକାଶ କରିଛନ୍ତି। ଏହି ଗସ୍ତ ସମୟରେ ସେ ମାଲକାନଗିରି ଆଦର୍ଶ ଥାନା, 'ପରିବର୍ତ୍ତନ' ଶିଶୁ ଗୃହ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କ ଯତ୍ନ ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଏବଂ ଶିଶୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବିଭାଗ ଓ ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବନବାସୀମାନେ ଜଙ୍ଗଲ ସୁରକ୍ଷା, ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ଉଚିତ

ମାଲକାନଗିରି, ୨୩।୩ (ଦୁର୍ଯ୍ୟୋଧନ ପାତ୍ର)

### ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ପରିଚାଳନା ସମ୍ବନ୍ଧୀୟ କର୍ମଶାଳା

ମାଲକାନଗିରି ଜିଲା ସଦର ମହକୁମା ବ୍ଲକ୍ ସମ୍ମିଳନୀ କକ୍ଷରେ ପରିବର୍ତ୍ତନ ଚିତ୍ରକୋଣ୍ଡାର ଅଧ୍ୟକ୍ଷ ସନ୍ତୋଷ ଶୁକ୍ଳାଙ୍କ ଅଧ୍ୟକ୍ଷତାରେ ସୋମବାର ଗୋଷ୍ଠୀଗତ ଜଙ୍ଗଲ ଅଧିକାରୀ ଓ ତା'ର ପରିଚାଳନା ସମ୍ବନ୍ଧୀୟ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ କସମସ୍ ତିର୍କୀ, ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପାତ୍ର, ବନପାଳ ହୃଷୀକେଶ ପାଣିଗ୍ରାହୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସର୍ମିତା ମାଝୀଙ୍କ ସହ ୭ଟି ବ୍ଲକ୍‌ର ରାଜସ୍ୱ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ସରପଞ୍ଚ, ଗୋଷ୍ଠୀ ଜଙ୍ଗଲ ଅଧିକାର କମିଟିର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ମାଲକାନଗିରି ଜିଲାରେ ପ୍ରାୟ ୮୦ ପ୍ରତିଶତ ବନବାସୀ ଓ ଆଦିବାସୀ ବ୍ୟକ୍ତିଗତ ସ୍ୱତ୍ୱ ଅଧିକାର ପ୍ରମାଣପତ୍ର ପାଇ ସାରିଛନ୍ତି। ଗୋଷ୍ଠୀଗତ ଜଙ୍ଗଲ ଜମି ସ୍ୱତ୍ୱ ଅଧିକାର ପାଇଥିବା ବନବାସୀ ଓ ଆଦିବାସୀମାନେ ସେମାନଙ୍କ ଭବିଷ୍ୟତ ପାଇଁ ସେହି ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲକୁ ଅଗ୍ନିଦାଉରୁ ରକ୍ଷାକରିବା, ଜଙ୍ଗଲ ମଧ୍ୟରେ ଥିବା ଝରଣା ଜଳ ଅଟକାଇ ଚାଷକରିବା, ଖାଲି ସ୍ଥାନରେ ବିଭିନ୍ନ ପ୍ରକାର ଫଳ, ଔଷଧୀୟ ବୃକ୍ଷ ରୋପଣ କରିବା ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଭାବି ଜଙ୍ଗଲ ସୁରକ୍ଷା କରିବା ସହ ତାହାର ଅଭିବୃଦ୍ଧି ପ୍ରତି ଗୁରୁତ୍ୱ ଦେବା ଜରୁରୀ। ସେହି ଗ୍ରାମର ଉନ୍ନତି ପାଇଁ ସରକାରଙ୍କ ତରଫରୁ ବନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଜଳଛାୟା ପ୍ରକଳ୍ପ, ଉଦ୍ୟାନ ବିଭାଗ, କୃଷି ବିଭାଗ, ପଶୁସମ୍ପଦ ବିଭାଗ ଅଧିକାରୀଙ୍କୁ ଗ୍ରାମବାସୀ ଏବଂ ବନବାସୀ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ । ଶେଷରେ ଚିତ୍ରକୋଣ୍ଡା ବ୍ଲକ ସଂଯୋଜକ ମକରନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ବନ ବିଭାଗ ଅଧିକାରୀଙ୍କ ସହ ଅନ୍ୟମାନେ ।

# ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ନିମନ୍ତ୍ରଣପତ୍ର ବଣ୍ଟନ

### ମାଲକାନଗିରିରେ ଶିକ୍ଷାର ନୂତନ ଅଧ୍ୟାୟ

ମାଲକାନଗିରି, ୨୩।୩ (ଗୌରିଶଙ୍କର ପଣ୍ଡା/ ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସୋମବାରଠାରୁ ମୁଣ୍ଡାଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ମାଲକାନଗିରି ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଏବଂ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ନୂତନ ଶିକ୍ଷାବର୍ଷ ପାଇଁ ନାମ ଲେଖାଇବାକୁ ଆସିଥିବା କୁନି କୁନି ପିଲାଙ୍କୁ ଫୁଲ ଓ ଚକୋଲେଟ ଦେଇ ସ୍ୱାଗତ କରିଥିଲେ। ଅଧିକାରୀଙ୍କ ଏହି ଆତ୍ମୀୟତା ପିଲାମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତି ଏକ ସକାରାତ୍ମକ ମନୋଭାବ ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା। ଜିଲାପାଳ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ରାଜ୍ୟବ୍ୟାପୀ ଶିଶୁବାଟିକା ଓ ପ୍ରଥମ



ଜିଲାପାଳ ନାମ ଲେଖାଇବାକୁ ଆସିଥିବା ଜଣେ ଛାତ୍ରୀଙ୍କୁ ସ୍ୱାଗତ କରୁଛନ୍ତି ।

ଶ୍ରେଣୀ ନାମଲେଖା ଏବଂ 'ନିପୁଣ ଓଡ଼ିଶା' କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନତା ସୃଷ୍ଟିକରିବା ପାଇଁ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆସନ୍ତା ଏପ୍ରିଲ ୨ ତାରିଖରେ ଜିଲାର ସମସ୍ତ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ନାମଲେଖା ଦିବସ ମହାସମାରୋହରେ ପାଳନ କରାଯିବ। ନୂତନ ଶିକ୍ଷାର୍ଥୀଙ୍କୁ ପାରମ୍ପରିକ ରୀତିରେ ଚନ୍ଦନ ଓ ଫୁଲ ଦେଇ ସ୍ୱାଗତ କରାଯିବ। ବିଦ୍ୟାଳୟ ପରିଚାଳନା କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ଥାନୀୟ ଅଧିବାସୀଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଢ଼ି ସମସ୍ତଙ୍କୁ ଶୁଣାଇବେ। ଏହି କାର୍ଯ୍ୟକ୍ରମ ଜରିଆରେ ମାଲକାନଗିରି ଜିଲାରେ ଶତ ପ୍ରତିଶତ ନାମଲେଖା ସୁନିଶ୍ଚିତ କରିବା ସହ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଜୋସ୍ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି ବୋଲି ଜିଲା ଶିକ୍ଷା ଅଧିକାରୀ ପାଣିଗ୍ରାହୀ ସୂଚନା ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ପତ୍ର ଅଭିଭାବଙ୍କୁ ପ୍ରଦାନ

ନବରଙ୍ଗପୁର, ୨୩।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁ ସିନ୍ଧିଗୁଡ଼ାରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିଶୁମାନଙ୍କ ସହିତ ଭାବ ବିନିମୟ କରିଥିଲେ। ପିଲାମାନଙ୍କୁ ବିଦ୍ୟାଳୟର ନାମ ଲେଖା ପାଇଁ ଉତ୍ସାହିତ କରିବା ସହ ଏପ୍ରିଲ ୨ରେ ଅନୁଷ୍ଠିତ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ଓ ଗୋଲାପି ଫୁଲ ଦେଇ ନିମନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମରେ ଡିଇଓ ଛତ୍ରପତି ସାହୁ, ଏଡିଇଓ ଶ୍ରୀକାନ୍ତ ଜାନି, ଜିଲାପରିଷଦ ସଭ୍ୟ ଦିବ୍ୟଦାନ ସୁନା, ସିଆର୍‌ସିସି ଓ ସ୍ଥାନୀୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ଡାବୁଗାଁ, ୨୩।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନାର ସିଂସାରି ଫାଣ୍ଡି ଅଧୀନ ଲହରାଗୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ଏ ନେଇ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଡାବୁଗାଁ ଶିଂସାରୀ ଫାଣ୍ଡି ଅଧୀନ ଲହରାଗୁଡ଼ା ଗ୍ରାମର ଘନ ଭତ୍ରା (୩୫)। ସୂଚନାନୁଯାୟୀ, ଘନ ରବିବାର ସନ୍ଧ୍ୟାରେ ଶୌଚ ପାଇଁ ଗାଁ ପାଖ ପୋଖରୀକୁ ଯାଇଥିଲେ। ସେଠାରେ ଗୋଡ଼ ଖସି ଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। ରାତି ୭ଟା ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ପୋଖରୀରେ ଘନଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ସୋମବାର ସକାଳୁ ମୃତକଙ୍କ ଭାଇ ଲକିନାଥ ଭତ୍ରା ଡାବୁଗାଁ ଥାନାରେ ଏକ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ୧୮ ଫୁଟ୍‌ର ଅହିରାଜ ଉଦ୍ଧାର

ମାଲକାନଗିରି, ୨୩।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍.ପି.ଭି. ୧୮ ଗ୍ରାମରେ ଏକ ୧୮ ଫୁଟ ଲମ୍ବର ଅହିରାଜ (କିଙ୍ଗ କୋବ୍ରା) ସାପ ଉଦ୍ଧାର କରାଯାଇଛି। ସାପଟି ଘର ଭିତରେ ଥାଇ ଗର୍ଜନ କରିବାରୁ ଆଖପାଖରେ ଥିବା ଲୋକେ ଭୟଭୀତ ହୋଇ କାଲିମେଳା ବନ ବିଭାଗ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସାପ ଧରାଳୀ ସହାୟତାରେ ଘର ଭିତରୁ ସାପକୁ ଧରିବାରେ ସଫଳ ହୋଇଥିଲେ।



ଏହି ସାପଟି ନିକଟସ୍ଥ ଜଙ୍ଗଲରୁ ଗାଁ ଭିତରକୁ ପସି ଜଣକ ଘର ଭିତରେ ପଶି ଯାଇଥିଲା। ସାପର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଥିବା ସୂଚନା ମିଳିଛି।

# ଜନଗଣନା କାର୍ଯ୍ୟ ଠିକ୍, ସୁଚାରୁ ଭାବେ କରିବା ଲକ୍ଷ୍ୟ

କୋଡ଼ିଙ୍ଗା, ୨୨।୩(ସମରେନ୍ଦ୍ର ପଟ୍ଟନାୟକ)

### ଗଣନାକାରୀ, ପର୍ଯ୍ୟବେକ୍ଷକଙ୍କୁ ୩ ଦିନିଆ ତାଲିମ

୨୦୨୭ରେ ହେବାକୁ ଥିବା ଜନଗଣନା ପାଇଁ ୩ ଦିନିଆ ତାଲିମ ଶିବିର ସୋମବାର ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଧୀନ କୋଡ଼ିଙ୍ଗା ନୋଡାଲ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଗଣନାକାରୀ ଓ ପର୍ଯ୍ୟବେକ୍ଷକଭାବେ ନିଯୁକ୍ତ ହୋଇଥିବା ଶିକ୍ଷକମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଘର ତାଲିକାଭୁକ୍ତି ଓ ଗୃହ ଗଣନା ସମ୍ବନ୍ଧୀୟ ବିସ୍ତୃତ ଶିକ୍ଷା ଦିଆଯାଉଛି। ଏହା ମାଧ୍ୟମରେ ଆସନ୍ତା ଜନଗଣନା କାର୍ଯ୍ୟକୁ ଠିକ୍ ଓ ସୁଚାରୁ ଭାବେ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ତାଲିମ ଶିବିର ୮ଟି ପର୍ଯ୍ୟାୟରେ କରାଯିବ। ପ୍ରତ୍ୟେକ ପର୍ଯ୍ୟାୟରେ ୫୦ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ତାଲିମ ଦିଆଯିବ। ତାଲିମ ଦେବା ପାଇଁ ୪ ପ୍ରଶିକ୍ଷକ ପଞ୍ଚାନନ ଦୁରୀଆ, ଅଖିଳ କୁମାର ଭଞ୍ଜ, ଜ୍ୟୋତିପ୍ରକାଶ ଜଗଦେବ, ମଧୁସୂଦନ ସାହୁଙ୍କୁ ନିୟୋଜିତ କରାଯାଇଛି। କୋଡ଼ିଙ୍ଗା ତହସିଲଦାର ତୁଳା ମୁଦୁଲି ଏବଂ ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳନା ହେଉଛି। ପ୍ରଥମ ପର୍ଯ୍ୟାୟରେ ଘର ତାଲିକାଭୁକ୍ତି ଓ ଗୃହ ଗଣନା ଏପ୍ରିଲ ୧୬ରୁ ଆରମ୍ଭ ହୋଇ ମେ ମାସ ୩୦ ପର୍ଯ୍ୟନ୍ତ ଚାଲିବ। ୨୦୨୭ ଫେବୃଆରୀରୁ ଜନଗଣନା ଚାଲିବ ବୋଲି ତହସିଲଦାର ତୁଳା ମୁଦୁଲି ସୂଚନା ଦେଇଛନ୍ତି ।



ଶିବିରରେ ଉପସ୍ଥିତ ତାଲିମାର୍ଥୀ।

# ଅଭିଯୋଗ ଶୁଣାଣି ସହ ସହାୟତା ବଣ୍ଟନ




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

ନବରଙ୍ଗପୁର/ନନ୍ଦାହାଣ୍ଡି, ୨୩।୩, (ସଦାଶିବ ପ୍ରହରାଜ/ ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତରାଙ୍କ ସମେତ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୨୯ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୨ ବ୍ୟକ୍ତିଗତ ଓ ୭ ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୨ ଅଭିଯୋଗର ସମାଧାନ ତତ୍କ୍ଷଣାତ କରାଯାଇଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ୫ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନା ସହାୟତା କାର୍ଡ ସହ ଜଣେ ଦିବ୍ୟାଙ୍ଗଙ୍କୁ କ୍ଲଚେସ ପ୍ରଦାନ କରାଯାଇଥିଲା। ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ୨ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା। ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୦ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି।

# ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ

କୋରୁକୋଣ୍ଡା, ୨୨।୩(ଶିବଦତ୍ତ ସାହୁ)

- ଚିନ୍ତା ବଢ଼ାଉଛି ନାବାଳକଙ୍କ ଗାଡ଼ି ଚାଳନା
- ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ବିନା ଲାଇସେନ୍ସ ଏବଂ କାଗଜପତ୍ରରେ ଅନେକ ଗାଡି ଚଳାଚଳ କରୁଛି। ବାଇକ ଠାରୁ ଆରମ୍ଭ କରି ଅଟୋ, ଟ୍ରାକ୍ଟର, ପିକ୍‌ଅପ୍ ଭ୍ୟାନ ଓ ବିଭିନ୍ନ ପ୍ରକାର ଡାଲା ଗାଡି ଏଥିରେ ରହିଛି। ନମ୍ବରବିହୀନ ଗାଡି ମଧ୍ୟ ବହୁ ସଂଖ୍ୟାରେ ଚାଲୁଥିବା ବେଳେ କେତେକ ସ୍ଥାନରେ ନାବାଳିକା ଓ ନାବାଳକମାନେ ମଧ୍ୟ ନିୟମ ନ ମାନି ରାସ୍ତାରେ ବାଇକ୍ ଓ ସ୍କୁଟି ଆଦି ଚଳାଉଥିବା ଅଭିଯୋଗ ହେଉଛି। କିନ୍ତୁ ପରିବହନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସହରରେ ଦେଖିବାକୁ ମିଳୁଛି ଯେ, କେତେଜଣ ଯାତ୍ରୀ କମାଣ୍ଡର, ଜିପ, ଅଟୋ, ପିକ୍‌ଅପ ଭ୍ୟାନ ଏବଂ ଟ୍ରାକ୍ଟର ଡାଲାରେ ବସି ଯାତାୟତ କରୁଛନ୍ତି। କେତେଜଣ ଗାଡ଼ି ମାଲିକ ଓ ଡ୍ରାଇଭର ଅର୍ଥ ଲୋଭରେ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ମୋଟର ଆଇନ ନିୟମକୁ ଖୋଲାଖୋଲି ଉଲଂଘନ କରିବା ସହ ବିପଦସଙ୍କୁଳଭାବେ କ୍ଷମତା ଠାରୁ ଅଧିକ ଯାତ୍ରୀଙ୍କୁ ଗାଡ଼ିରେ ବସାଇ ନେବା ଆଣିବା କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଧନ ଜୀବନ ହାନୀ ହେଉଥିଲେ ମଧ୍ୟ ଜିଲା ଆଞ୍ଚଳିକ ପରିବହନ ବିଭାଗ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ନିୟମିତ ଗାଡି ମୋଟର ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ଆଣି ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି। ଏ ସମସ୍ତ ଅଞ୍ଚଳରେ ଗାଡି ମୋଟର ଯାଞ୍ଚ କରି ଆଇନ ଉଲଂଘନ କରି ଗାଡି ଚଳାଉଥିବା ଗାଡି ମାଲିକ ଓ ଚାଳକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଜିଲା ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ତୁଷାର ହେମ୍ବ୍ରମଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଖୁବ ଶୀଘ୍ର ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ଚାଲୁଥିବା ସମସ୍ତ ଗାଡ଼ି ଯାଞ୍ଚ କରାଯିବ। ଆଇନ ଉଲଙ୍ଘନ କରୁଥିବା ଗାଡ଼ି ଚାଳକ ଓ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଏକ ପିକ୍‌ଅପରେ ବିପଦଶଙ୍କୁଳ ଅବସ୍ଥାରେ ଯାତ୍ରୀ ।

# ୧୫ ବର୍ଷ ପରେ ଘରକୁ ଫେରିଲା ନିଖୋଜ ପୁଅ

ଉମରକୋଟ, ୨୩।୩(ସନ୍ତୋଷ ଶତପଥୀ)

ଦୀର୍ଘ ୧୫ ବର୍ଷ ତଳେ ଘରୁ ପଳାଇଥିଲେ। ସେତେବେଳେ ସେ ନାବାଳକ ଥିଲେ। ଏହା ମଧ୍ୟରେ ପୁଅ ଫେରିବା ବାଟକୁ ଚାହିଁଚାହିଁ ବାପା ପରପାରିକୁ ଚାଲିଗଲେଣି। ମା' ଓ ଅନ୍ୟ ଭଉଣୀ ଭାଇ କିନ୍ତୁ ତାଙ୍କ ଆସିବା ବାଟକୁ ଅନାଇ ବସିଥିଲେ। ସୋମବାର ଯୁବକ ଜଣକ ଘରକୁ ଫେରିଛନ୍ତି। ଗାଁ ଓ ପରିବାର ଲୋକେ ବାଜା ବଜାଇ ତାଙ୍କୁ ସ୍ୱାଗତ କରିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ପଦିଆଗୁଡା ଗ୍ରାମରେ ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା।

ସୂଚନାନୁଯାୟୀ ଦୀର୍ଘ ୧୫ ବର୍ଷ ତଳେ ଜଗଦୀଶ ମାଝୀଙ୍କ ପୁଅ ହରିଚରନ ଗାଁ ପାଖ ଜଣେ ବ୍ୟକ୍ତିଙ୍କ ପ୍ରଲୋଭନରେ ପଡ଼ି ତାଙ୍କ ସହ ଘରୁ ବାହାରି ଯାଇଥିଲେ। ସେତେବେଳେ ହରିଚରନଙ୍କ ବୟସ ମାତ୍ର ୧୨ ବର୍ଷ ହୋଇଥିବା ବେଳେ ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ହରିଚରନ ଯେଉଁ ବ୍ୟକ୍ତିଙ୍କ ସହ ଘରୁ ପଳାଇଥିଲେ ସେ ଲୋକ ୨୦ଦିନ ପରେ ଗାଁକୁ ଫେରି ଆସିଥିଲେ। କିନ୍ତୁ ହରିଚରନ ଘରକୁ ଆସି ନ ଥିଲେ। ସେତେବେଳେ ପରିବାର ଲୋକ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ହରିଚରନଙ୍କ କୌଣସି ପତ୍ତା ମିଳି ନ ଥିଲା। ଏହା ମଧ୍ୟରେ ଜଗଦୀଶଙ୍କ ମୃତ୍ୟୁ ହୋଇଯାଇଥିଲା। ହରିଚରନ ରାଜସ୍ଥାନରେ କାମ କରୁଥିଲେ। କିନ୍ତୁ ଉକ୍ତ ମାଲିକ କୌଣସି ଟଙ୍କା ନ ଦେଇ ନିର୍ଯାତନା ଦେଉଥିଲେ। ସେଠାକାର ଶ୍ରମ ବିଭାଗ ଉକ୍ତ ସ୍ଥାନରେ ଚଢ଼ାଉବେଳେ ହରିଚରନଙ୍କୁ ଧରି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲେ। ସେହି ସମୟରେ ହରିଚରନ କୌଣସି ପରିଚୟ ଦେଇ ନ ପାରିବାରୁ ପୋଲିସ ରାଜସ୍ଥାନ ଜୟପୁର ଆଲବର୍‌ରେ ଥିବା 'ଏକ ଅପନା ଘର' ନାମକ ଏକ ଆଶ୍ରମକୁ ତାଙ୍କୁ ହସ୍ତାନ୍ତର କରି ଦେଇଥିଲେ। ୨ ଦିନ ତଳେ ହରିଚରନ ନିଜ ଗାଁ ଓ ପଞ୍ଚାୟତର ନାମ କହିବା ପରେ ଆଶ୍ରମ କର୍ତ୍ତୃପକ୍ଷ ଗୁଗଲରେ ସର୍ଚ୍ଚ କରି ବୁର୍ଜା ପୂର୍ବତନ ସରପଞ୍ଚ ବୀରସିଂ ମାଝୀଙ୍କ ମୋବାଇଲ ନମ୍ବର ପାଇ ଯୋଗାଯୋଗ କରିଥିଲେ। ହରିଚରନଙ୍କ ଫଟୋ ସେମାନଙ୍କୁ ପଠାଯାଇଥିଲା। ଫଟୋ ମିଳିବା ପରେ ଆଶ୍ରମ କର୍ତ୍ତୃପକ୍ଷ ହରିଚରନଙ୍କୁ ନେଇ ଯିବା ପାଇଁ ଅନୁରୋଧ କରିଥିଲେ। ବୁର୍ଜା ପୂର୍ବତନ ସରପଞ୍ଚ ବୀରସିଂ ମାଝୀ, ହରିଚରନଙ୍କ ଭାଇ ଜୟଦେବ ମାଝୀ, ଶୋଭାସିଂ ଗଣ୍ଡ ଓ ଧନସାଇ ଗୌଡ଼ ସେଠାକୁ ଯାଇ ସମସ୍ତ କାଗଜ ପତ୍ର ପ୍ରକ୍ରିୟା ସରିବା ପରେ ହସ୍ତାନ୍ତର କରିଥିଲେ। ଏହାପରେ ସମସ୍ତେ ହରିଚରନଙ୍କୁ ଧରି ସୋମବାର ଗାଁରେ ପହଞ୍ଚିଥିଲେ। ଗ୍ରାମବାସୀ ବାଜା ବଜେଇ ଶୋଭାଯାତ୍ରାରେ ହରିଚରନଙ୍କୁ ସ୍ୱାଗତ କରିଛନ୍ତି। ହରିଚରନଙ୍କୁ ଦେଖି ଖୁସି ଥିବା ମା' ଓ ସବୁ ଭଉଣୀ ଭାଇ କହିଛନ୍ତି।




ଆଶ୍ରମ କର୍ତ୍ତୃପକ୍ଷ ହରିଚରନଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରୁଛନ୍ତି।

**ଜଙ୍ଗଲରୁ ଚୋରି ବୋଲେରୋ ଜବତ**

ନନ୍ଦପୁର,(ତୁଷାର କାନ୍ତ ମହାନ୍ତି)- କୋରାପୁଟ ଜିଲା ନନ୍ଦପୁର ଥାନା ପୋଲିସ ଗୁଣ୍ଡାପୁଟରୁ ଚୋରି ହୋଇଥିବା ବୋଲେରୋକୁ ପଢାଙ୍ଗି ବ୍ଲକ ସମ୍ବାଇ ପଞ୍ଚାୟତ ଜଙ୍ଗଲରୁ ଜବତ କରିଛି। ଦୁର୍ବୃତ୍ତ ମାନେ ଗାଡ଼ିର ନମ୍ବର ପ୍ଲେଟ, ଷ୍ଟେପିନ ଟାୟାର, ଲଗେଜ କ୍ୟାରିଅର ଆଦି କାଢ଼ି ନେଇଥିବା ଥାନାଧିକାରୀ ତ୍ରିନାଥ ତୋଟାପାଡିଆ ସୂଚନା ଦେଇଛନ୍ତି। ଗାଡ଼ି ମାଲିକ ଟିସେନ ହନ୍ତାଳଙ୍କୁ ପୋଲିସ ଥାନାକୁ ଡାକି ବୋଲେରୋ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ପାସେଞ୍ଜର ଟ୍ରେନ୍ ଧକ୍କାରେ ବୃଦ୍ଧା ମୃତ

କୋରାପୁଟ,୨୩।୩ (ଅମିତାଭ ବେହେରା)

କୋରାପୁଟ ନୂଆ କଲୋନି ନିକଟ କୋରାପୁଟ-ରାୟଗଡ଼ା ରେଳ ଲାଇନ୍‌ରେ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତା ହେଲେ ନାମବତୀ କୁଲଦୀପ(୬୦)। ସେ ସମ୍ପର୍କୀୟଙ୍କ ଘରୁ ରେଳ ଲାଇନ ପାର ହୋଇ ରେଙ୍ଗିଆଗୁଡାକୁ ଫେରୁଥିବା ବେଳେ କୋରାପୁଟରୁ ବିଶାଖାପଟଣା ଯାଉଥିବା ପାସେଞ୍ଜର ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। କୋରାପୁଟ ରେଲୱେ ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଏ ନେଇ ଜିଆରପି ଥାନାରେ ନଂ.୩/୨୬ରେ ମାମଲା ରୁଜୁ ହୋଇଛି। ମୃତଦେହ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ସିଓଟିପିଏ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଫୁଡ୍ ଲାଇସେନ୍ସ ଯାଞ୍ଚ

ନନ୍ଦପୁର,୨୩।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାରେ ସିଓଟିପିଏ ଏନଫୋର୍ସମେଣ୍ଟ ଟିମ୍ ବଜାରର ଏକାଧିକ ଦୋକାନରେ ଗୁଟଖା ବିକ୍ରି, ଫୁଡ ଲାଇସେନ୍ସ, ବିକ୍ରି ପାଇଁ ଗଚ୍ଛିତ ଖାଦ୍ୟ ସାମଗ୍ରୀର ପ୍ରସ୍ତୁତି ଓ ସମାପ୍ତି ତାରିଖ ସୋମବାର ଯାଞ୍ଚ କରିଛି। ତ୍ରୁଟି ପରିଲକ୍ଷିତ ହୋଇଥିବା ଏକାଧିକ ଦୋକାନୀଙ୍କୁ ତାଗିଦା କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିଛନ୍ତି। ଟିମ୍‌ରେ ଜିଲା ଫୁଡ ଇନ୍ସପେକ୍ଟର ପଙ୍କଜିନୀ ଦେହୁରୀ, ଡ୍ରଗ ଇନ୍ସପେକ୍ଟର ନକ୍ଷତ୍ର ଭୂଷଣ ନାୟକ, ନନ୍ଦପୁର ପୋଲିସ ଥାନା ଏସ୍ଆଇ ପ୍ରତ୍ୟୁଷ କୁମାର ପଟେଲ ସାମିଲ ହୋଇଥିଲେ। ଅନ୍ୟପଟେ ଏଭଳି ନିୟମିତ ଯାଞ୍ଚ ହେଲେ ଦୋକାନୀ ଗଚ୍ଛିତ ଖାଦ୍ୟ ସାମଗ୍ରୀର ସ୍ଥିତି ପରଖି ସଚେତନ ହେବେ ବୋଲି ଖାଉଟିମାନେ ମତପ୍ରକାଶ କରିଥିଲେ।

### ୨୨ ବସ୍ତା ଚାଉଳ, ଜିପ୍ ଜବତ: ଡ୍ରାଇଭର ଅଟକ

କୋରାପୁଟ,୨୩।୩(ଅମିତାଭ ବେହେରା)

କୋରାପୁଟ ସଦର ଥାନା ପୋଲିସ ଏକ କମାଣ୍ଡର ଜିପ୍ ସହ ୨୨ ବସ୍ତା(୧୧ କୁଇଣ୍ଟାଲ) ସରକାରୀ ଚାଉଳ ଜବତ କରିଛି। ଜିପ୍ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଥାନାଧିକାରୀ ରୁନୁ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ସବ ଇନ୍ସପେକ୍ଟର ସୁଧାଂଶୁ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ବାଗ୍ରାଗୁଡ଼ା ମହାଦେଇପୁଟ ରାସ୍ତାର ରାଉତପୁଟ ଛକରେ ଗାଡ଼ି ଯାଞ୍ଚ ବେଳେ ଚାଉଳ ବୋଝେଇ କମାଣ୍ଡରକୁ ଅଟକାଇଥିଲେ। ଗାଡ଼ିର କୌଣସି କାଗଜପତ୍ର ନ ଥିବା ଜଣାପଡିଥିଲା। ଏଥିରେ ଥିବା ଚାଉଳ ସମ୍ପର୍କରେ ଡ୍ରାଇଭର କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିବା ବେଳେ ଏହା ଏକ ଆଶ୍ରମ ସ୍କୁଲ ଚାଉଳ ବୋଲି କହିଥିଲେ। କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପୋଲିସ ଚାଉଳ ଓ କମାଣ୍ଡରକୁ ଜବତ କରି ସଦର ଥାନାରେ ରଖିଛି। ଏ ନେଇ ନଂ.୫୯/୨୬ରେ ମାମଲା ରୁଜୁ କରି ତଦନ୍ତ କରାଯାଉଛି।

# ସମସ୍ୟାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ

**ଜିଲାସ୍ତରୀୟ ମିଳିତ ଜନଶୁଣାଣି**

କୋରାପୁଟ/ଲମତାପୁଟ,୨୩।୩ (ଅମିତାଭ ବେହେରା/ଭକ୍ତରାମ ବାଙ୍କିଆ)


ଶିବିରରେ ଅଧିକାରୀ ସମସ୍ୟା ଶୁଣୁଛନ୍ତି।

କୋରାପୁଟ ଜିଲା ଲମତାପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ୧୩ ବ୍ୟକ୍ତିଗତ ଓ ୨୬ ସାମୁହିକ ମୋଟ ୩୯ ଅଭିଯୋଗର ଶୁଣାଣି ହୋଇଛି। ଶିବିରରେ କୋରାପୁଟ ଅତିରିକ୍ତ ଜିଲାପାଳ ତପନ କୁମାର ନାଏକ ଓ ଜିଲା ଏସ୍‌ପି ରୋହିତ ବର୍ମା ଲୋକଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରି ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଅତିରିକ୍ତ ଜିଲାପାଳ ନାଏକ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଏସ୍‌ପି ବିଭିନ୍ନ ଗ୍ରାମର ଶାନ୍ତିଶୃଙ୍ଖଳା ରକ୍ଷା ଓ ପୋଲିସ ସହାୟତା ସମ୍ପର୍କିତ ମାମଲାର ସମୀକ୍ଷା କରିଥିଲେ। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପଜିଲାପାଳ ପ୍ରେମଲାଲ ହିଆଲ, ଲମତାପୁଟ ବିଡିଓ ଜୟନ୍ତ କୁମାର ମେହେର, ତହସିଲଦାର ଦିବାକର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ମାସାଧିକ କାଳ ହେବ ଅନ୍ଧାରରେ ୪ ଗ୍ରାମ

ନନ୍ଦପୁର,୨୩।୩ (ତୁଷାର କାନ୍ତ ମହାନ୍ତି)


ଅଭିଯୋଗ ଆଣିଥିବା ଗ୍ରାମବାସୀ।

କୋରାପୁଟ ଜିଲା ନନ୍ଦପୁର ବ୍ଲକର ଡୁମୁରିଗୁଡ଼ା, ମଦେଇଗୁଡ଼ା, ତାଲଗୁଞ୍ଜୁ ଓ ବଣ୍ଡାପୁଟ ଆଦି ଗ୍ରାମ ମାସାଧିକ କାଳ ହେବ ଅନ୍ଧାରରେ ରହିଛି। ଟିପି ଏସଓଡିଏଲ ପକ୍ଷରୁ ୪ ଗ୍ରାମର ବିଦ୍ୟୁତ୍ ସଂଯୋଗ କଟାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡୁମୁରିପୁଟ ଗ୍ରାମର ୧୬ ପରିବାର, ତାଲଗୁଞ୍ଜୁ ଗ୍ରାମର ୬୦ ପରିବାର, ବଣ୍ଡାପୁଟ ଗ୍ରାମର ୧୫ ପରିବାର, ମଦେଇଗୁଡା ଗ୍ରାମର ୧୭ ପରିବାର ଅସୁବିଧା ସମ୍ମୁଖୀନ ହେଉଥିବା କହିଛନ୍ତି। ବିଦ୍ୟୁତ୍ କର୍ତ୍ତୃପକ୍ଷ ଉପଭୋକ୍ତାଙ୍କୁ ହଜାର ହଜାର ଟଙ୍କାର ବିଦ୍ୟୁତ୍ ବିଲ ଦେଇ ଜମା କରିବାକୁ ବାଧ କରି ନ ଦେବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିବା କହିଛନ୍ତି। ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଏଯାଏ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବା କହିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ଟିପି ଏସଓଡିଏଲ ଯନ୍ତ୍ରୀ ପ୍ରଭୁ ମଲ୍ଲିକଙ୍କୁ ପଚାରିବାରୁ ସେ ଗ୍ରାମବାସୀ ବର୍ଷକରୁ ଊର୍ଦ୍ଧ୍ୱ ଦିନ ହେବ ବିଲ୍ ପ୍ରଦାନ କରି ନ ଥିବା କହିଛନ୍ତି। ବୈଠକ ପରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ୪ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରିବାକୁ କହିଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ ୪ ଗ୍ରାମର ଉପଭୋକ୍ତା କିଛି ବିଦ୍ୟୁତ୍ ବିଲ ଜମା କଲେ ସଂଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏଥିପାଇଁ ୪ ଗ୍ରାମର ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବା ସେ ସୂଚନା ଦେଇଛନ୍ତି।

## ଶିବିରରେ ୧୯ ଅଭିଯୋଗ ଶୁଣିଲେ ଅଧିକାରୀ

ସୁନାବେଡା/ସେମିଳିଗୁଡ଼ା,୨୩।୩ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)


ଅଧିକାରୀମାନେ ଅଭିଯୋଗ ପଞ୍ଜୀକୃତ କରୁଛନ୍ତି ।

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ରେଙ୍ଗା ପଞ୍ଚାୟତରେ ମିଳିତ ଜନଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏବିଡିଓ ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ମୋଟ ୧୯ ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଆରଡବ୍ଲ୍ୟୁଏସ୍ଏସ୍ ସହକାରୀ ଯନ୍ତ୍ରୀ ଗଙ୍ଗାଧର ସେଠୀ, ବିପିସି ପେଶା ପ୍ରମୋଦ ଖିଲ, ବିପିଏ ସୁନୀଲ ଗରଡା, ସିଡିପିଓ ବିନୋଦିନୀ ବେହେରା, ସିଆରସିସି ବିଭୁତି ଭୂଷଣ ସାହୁ, ପିଇଓ ଶ୍ରୀନିବାସ ପଟ୍ଟନାୟକ ଓ ସରପଞ୍ଚ ନବୀନା ହନ୍ତାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମାଳିଗୁଞ୍ଜା, ପିପଲଗୁଡ଼ାରେ ସିସି ଡ୍ରେନ, ରେଙ୍ଗାରେ ରାସ୍ତା ଓ ଡ୍ରେନ ମରାମତି, ଫେବର ବ୍ଲକ, ସିସି ରୋଡ ନିର୍ମାଣ, ରେଙ୍ଗା ମିଶନଶକ୍ତି ଗୃହ ବାଉଣ୍ଡ୍ରି ୱାଲ ନିର୍ମାଣ, ମାଳିଗୁଞ୍ଜାରେ ଓ କୁମାରକଣାରେ ନଳକୂପ ନିର୍ମାଣ, ପିପଲଗୁଡ଼ାରେ ସିସି ରୋଡ ନିର୍ମାଣ ଅଭିଯୋଗ ହୋଇଛି। ଶିବିରରେ ଅଧିକାରୀ ସରକାରୀ ଯୋଜନା ନେଇ ଲୋକଙ୍କୁ ସଚେତନ କରିଥିଲେ। ଶିବିର କେବଳ ପ୍ରହସନ ବୋଲି ରେଙ୍ଗା ପଞ୍ଚାୟତ ରାଜେନ୍ଦ୍ର ଖରା ଅଭିଯୋଗ କରିଛନ୍ତି। ବିଭିନ୍ନ ଅଭିଯୋଗ ପଞ୍ଜୀକୃତ ହେଉଥିବା ବେଳେ କୌଣସି ସମାଧାନ ହେଉ ନ ଥିବା ସେ କହିଛନ୍ତି। ଏବିଡିଓ ବସନ୍ତ କୁମାର ବେହେରା ଅଭିଯୋଗକାରୀ ରାଜେନ୍ଦ୍ର ପୂର୍ବରୁ କେତୋଟି ଅଭିଯୋଗ ଦେଇଥିଲେ ଓ କେଉଁ ସମସ୍ୟା ରହିଛି ଏ ନେଇ ଜାଣି ନ ଥିବା କହିଛନ୍ତି।

## ଭତରା ଜନଜାତି ଉପରେ ଆଲୋଚନାଚକ୍ର

କୋରାପୁଟ,୨୩।୩(ଅମିତାଭ ବେହେରା)

କୋରାପୁଟସ୍ଥିତ ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ(କୋଟସ) ପକ୍ଷରୁ ନବରଙ୍ଗପୁର ମିଶନଶକ୍ତି ସଭାଗୃହରେ ଭତରା ଜନଜାତିଙ୍କ ଦେବତା, ରୀତିନୀତି ଓ ପର୍ବପର୍ବାଣୀ ଉପରେ ଏକଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। କୋଟସ ନିର୍ଦ୍ଦେଶକ ଡ. ପି.ସି. ମହାପାତ୍ରଙ୍କ ସଭାପତିତ୍ୱରେ ସାଇମନ ବିଡିକା ଓ ଡ. ବିଜୟ କୁମାର ମିଶ୍ର ଯୋଗଦେଇଥିଲେ। ପ୍ରଫେସର ମାଗୁଣି ଚରଣ ବେହେରା ଭତରା ସମାଜର ରୀତିନୀତି, ପରମ୍ପରା ଓ ସଂସ୍କୃତି ନେଇ କହିଥିଲେ। ଅଖିଳ ଭାରତୀୟ ଭତରା ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ମାଝୀ ଭତ୍ରା ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏଥିରେ ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲାର ଭତରା ସମାଜର ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ। ଭତ୍ରା ସମାଜ ପାଇଁ ଅଲଗା ନିୟମାବଳୀ ରଚନା ହୋଇଥିବା କହିଥିଲେ। କାର୍ଯ୍ୟକ୍ରମ ଡ. ଅଶୋକ କୁମାର ନନ୍ଦ, ଡ. ସାବିତ୍ରୀ ମାଝୀ ପରିଚାଳନା କରିଥିଲେ।

## ବୈପାରିଗୁଡ଼ା ଥାନାଧିକାରୀ ପୁରସ୍କୃତ

ବୈପାରିଗୁଡ଼ା,୨୩।୩(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନାଧିକାରୀ ଡମ୍ବରୁଧର ବାତ୍ରୀ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଗଞ୍ଜେଇ ଜବତ ଓ ଗଞ୍ଜେଇ ଫସଲ ନଷ୍ଟ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ସମ୍ମାନିତ କରାଯାଇଛି।



ଡିଜିପି ତାଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ବୈପାରିଗୁଡା ଥାନାର ପୂର୍ବତନ ଅଧିକାରୀ ଦୀପାଞ୍ଜଳି ପ୍ରଧାନ,ପାଡୁଆ ଥାନା ଅଧିକାରୀ ଅଶୋକ ବିଶୋଇ, ଜୟପୁର ସଦର ଥାନାଧିକାରୀ ଶିରିଶ ମହାପାତ୍ର ସମ୍ମାନିତ ହୋଇଛନ୍ତି।

## ଅନ୍ୟ ଜାତି ଝିଅଙ୍କୁ ପ୍ରେମ ବିବାହ କରିବାରୁ ଲଣ୍ଡା ହେଲେ ଯୁବକ

**କୁଳକୁ ୯୦ ହଜାର ଜରିମାନା ସହ ଦେଲେ ଭୋଜି**

କୋରାପୁଟ,୨୩।୩(ଅମିତାଭ ବେହେରା)


ଯୁବକଙ୍କୁ ଲଣ୍ଡା କରାଯାଇଛି ।

ଅନ୍ୟ ଜାତି ଝିଅଙ୍କୁ ପ୍ରେମ ବିବାହ କରିବାରୁ ଯୁବକଙ୍କୁ ଲଣ୍ଡା ହେବାକୁ ପଡ଼ିଛି। କୁଳକୁ ଜରିମାନା ଗଣିବା ସହ ମାଂସ ଭୋଜି ଦେଇଥିବା ଜଣାପଡ଼ିଛି। ଏଭଳି ଅଭାବନୀୟ ଘଟଣା କୋରାପୁଟ ବ୍ଲକ୍ ମାଛରା ଜଙ୍ଗଲ ଅଞ୍ଚଳରେ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ଜୟପୁର ସହର କୁମ୍ଭାରସାହିର ମାଳୀ ସମ୍ପ୍ରଦାୟର ମହେଶ୍ୱର ଖିଲ ସେହି ସାହିର ରଣା ଜାତିର ଝିଅ ଉର୍ମିଳା ଖଡ଼ାଙ୍କୁ ଦୀର୍ଘଦିନ ଧରି ପ୍ରେମ କରି ଆସୁଥିଲେ। ଉଭୟଙ୍କୁ ୨ କୁଳ ପକ୍ଷରୁ ବିବାହ ପାଇଁ ଅନୁମତି ମିଳି ନ ଥିଲା। ବାଧ ହୋଇ ମହେଶ୍ୱର ଉର୍ମିଳାଙ୍କୁ ନେଇ ଘର ଛାଡ଼ି ବାହାରକୁ ପଳାଇ ଯାଇଥିଲେ। ବାହାରେ ରହିବାରୁ ମାଳୀ ସମାଜ ବାଟ ବାହାର କରି ବୈଠକ କରିଥିଲା। ବରଙ୍କୁ ସମାଜ ଆଗରେ ଲଣ୍ଡା କରିବା, କୁଳକୁ ମାଂସ ଭାତ ଭୋଜି ଦେବା ସହ ୯୦ ହଜାର ଜରିମାନା ଗଣିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅନୁଯାୟୀ ମାଛରା ନିକଟ ପାହାଡ଼ ତଳେ ତମ୍ବୁ ଟାଣି ଭୋଜିର ଆୟୋଜନ କରାଯାଇଥିଲା ଓ କେତେଜଣ ବୟସ୍କ ଟଙ୍କା ଗଣିଥିଲେ। ମହେଶ୍ୱରଙ୍କୁ ଲଣ୍ଡା କରାଯାଇଥିଲା। ଏହାପରେ ଉର୍ମିଳାଙ୍କୁ ଗୃହ ପ୍ରବେଶର ଅନୁମତି ମିଳିଥିଲା। କୁଳ ପ୍ରଥାକୁ ନେଇ ଏଭଳି ଘଟଣା ଚିନ୍ତାଜନକ । ମାଳୀ ସମାଜ କୁଳପତି ନୂଆ ନୁହେଁ ପୂର୍ବ ପୁରୁଷରୁ ଅନ୍ୟ ଜାତି ଝିଅଙ୍କୁ ବିବାହ କଲେ ଏଭଳି ଦଣ୍ଡ ଦେବା ନିୟମ ଥିବା କେତେକ ବରିଷ୍ଠ କହିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଜନଶୁଣାଣିରେ ୧୬ ଅଭିଯୋଗ ପଞ୍ଜୀକୃତ

ନନ୍ଦପୁର,୨୩।୩ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ନନ୍ଦକା ପଞ୍ଚାୟତରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତବାସୀ ପଞ୍ଚାୟତରେ ୫ରୁ ଊର୍ଦ୍ଧ୍ୱ ଶ୍ରେଣୀ ବିଶିଷ୍ଟ ବିଦ୍ୟାଳୟ ନ ଥିବାରୁ ନନ୍ଦକା ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟକୁ ଦଶମ ଶ୍ରେଣୀ ବିଶିଷ୍ଟ ଉଚ୍ଚ ବିଦ୍ୟାଳୟ ଭାବେ ଅପଗ୍ରେଡ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ଅନୁମୋଦିତ ପଣସପୁଟ ପ୍ରାଥମିକ ସ୍କୁଲ ଖୋଲିବା, ଚିନ୍ତାଲଗୁଡା ସ୍କୁଲ ଖୋଲିବା ଦାବି ହୋଇଛି। ନନ୍ଦକା ବି ଓ ଝାଙ୍କରଗୁଡା ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ଖାଦ୍ୟ ଓ ପ୍ରାକ୍ ଶିକ୍ଷା ଦିଆଯାଉ ନ ଥିବା କୁହାଯାଇଛି। ରାଙ୍ଗନିଗୁଡ଼ାରେ ପାଣି ସମସ୍ୟା, ସିଙ୍ଗାମାଳି ପର୍ବତ ଦମକ ଉପର ଯାଏ ପକ୍କା ରାସ୍ତା ନିର୍ମାଣ ଓ ଶିଶୁ ଉଦ୍ୟାନ ପ୍ରତିଷ୍ଠା କରିବାକୁ ଦାବିପତ୍ର ଦିଆଯାଇଛି। ଅଲଇରୁ ବନ୍ଧଗୁଡ଼ା ରାସ୍ତା, ନନ୍ଦକାରୁ କଟରାଗନ୍ଦି ରାସ୍ତା, ଆରଡି ରାସ୍ତାରୁ ଚିନ୍ତାଲଗୁଡା ରାସ୍ତା, ପରଜାବୁରୁଡ଼ା ଗ୍ରାମ ସଦର ମଣ୍ଡପ ଓ ପଣସପୁଟ ଗ୍ରାମରେ ଗୋଷ୍ଠୀଗୃହ ନିର୍ମାଣ କରିବା ଆଦି ୧୬ ଅଭିଯୋଗ ପଞ୍ଜୀକୃତ ହୋଇଛି। ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। ଶିବିରରେ ସରପଞ୍ଚ ରେଲି ସୀସା, ସମିତିସଭ୍ୟ ଅଞ୍ଜଳି ଖରା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପିଇଓ ଦୀପକ କୁମାର ସେଠୀ ଶିବିର ପରିଚାଳନା କରିଥିଲେ।

## ବନାଗ୍ନି ପ୍ରଶମିତ ସଚେତନତା କର୍ମଶାଳା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବୈପାରିଗୁଡ଼ା,୨୩।୩(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡା ବନାଞ୍ଚଳ ପକ୍ଷରୁ ବନାଗ୍ନୀ ପ୍ରଶମିତ ସଚେତନତା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ସନ୍ଦିପ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜୟପୁର ବନଖଣ୍ଡ ସହକାରୀ ବନ ସଂରକ୍ଷକ ପ୍ରଶନ୍ନ କୁମାର ମିଶ୍ର, ବୈପାରିଗୁଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ଥାନାଧିକାରୀ ଡମ୍ବରୁଧର ବାତ୍ରିଆ ଯୋଗଦେଇଥିଲେ। ଜଙ୍ଗଲ ନିଆଁକୁ ରୋକିବା ନେଇ ପରାମର୍ଶ ଦେଇଥିଲେ। ଏଥିସହ ଅବାଧ ପ୍ରାଣି ଶିକାର ରୋକିବାକୁ ଗୁରୁତ୍ୱ ଦିଆଯାଇଛି। ବନ ସୁରକ୍ଷା ସମିତି ସଦସ୍ୟମାନେ ସ୍ଥାନୀୟ ଆଦିବାସୀଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା।

## ସାତ ଦଫା ଦାବିନେଇ ବିଡିଓଙ୍କୁ ଦାବିପତ୍ର


ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

ତେନ୍ତୁଲିଖୁଣ୍ଟି, ୨୩।୩(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ସୋମବାର ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ଭେଟି ସାତ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପଞ୍ଚାୟତ ସମିତିସ୍ୱୀକୃତିପରେ ପଞ୍ଚାୟତରେ ଉନ୍ନୟନ କାମ ହୋଇଥାଏ। କିନ୍ତୁ ଏଥିରେ ଅବହେଳା କରାଯାଉଥିବା ନେଇ ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଛନ୍ତି। ବିକଶିତ ଓଡ଼ିଶା, ବିକଶିତ ଗାଁ ଯୋଜନାରେ ବିଭିନ୍ନ ଉନ୍ନୟନ କାମ ହେଉଥିଲେ ମଧ୍ୟ ପଞ୍ଚାୟତ ପ୍ରତିନିଧି କାହାରିକୁ ନ ଜଣାଇବା, ୬ ମାସ ହେଲା ସମିତି ବୈଠକ ଡକା ନ ଯିବା, ଉନ୍ନୟନ କାର୍ଯ୍ୟ ସମାପ୍ତ ହୋଇ ବିଲ ହୋଇଥିଲେ ସୁଦ୍ଧା ଅର୍ଥ ରାଶୀ ନ ମିଳିବା, ନୂତନ ରାସନ କାର୍ଡ କେତେ ଜଣଙ୍କର ହୋଇଛି ତାହାର ତାଲିକା ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଗ୍ରାମାଞ୍ଚଳରେ ଅଚଳ ହୋଇ ଥିବା ନଳକୂପ ମରାମତି ପାଇଁ ସରଞ୍ଜାମ ଯୋଗାଇ ଦେବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ବନ୍ଦିତା ନାୟକ, ସରପଞ୍ଚ ପ୍ରମିଳା ମୁଦୁଲି, ସରପଞ୍ଚ କୃଷ୍ଣ ସଉରା, ସରପଞ୍ଚ ଟବା ନାୟକ, ସରପଞ୍ଚ ଅନାଦି ମାଝୀ, ରତ୍ନା ଜାନି, ସରପଞ୍ଚ କାର୍ତ୍ତିକ ମୁଦୁଲି, ସରପଞ୍ଚ ମନମୋହନ ଦଳପତି, ସମିତି ସଭ୍ୟ ଦିଲ୍ଲୀପ ପ୍ରଧାନୀ, ସମିତି ସଭ୍ୟ ଡମ୍ବରୁ ଭତ୍ରା, ସୋମନାଥ ସୌରା, ବିନୋଦିନୀ ସିଂ, ଜିତ୍ରା ହରିଜନ, ସମିତି ସଭ୍ୟ ସୁଧୀର ଖୁରା, ସମିତି ସଭ୍ୟା ମଧୁସ୍ମିତା ପାଣିଗ୍ରାହୀ, ସମିତି ସଭ୍ୟା ପ୍ରଭାତି କନ୍ଧ ଉପସ୍ଥିତ ଥିଲେ। ସମସ୍ୟା ସମାଧାନ ନ ହେଲେ ବ୍ଲକ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ମନ୍ଦିର ବାହାରକୁ ଆସିଲେ ମା'ଙ୍କ ଘଣ୍ଟ, କଳସ

## ଆଜିଠାରୁ ମା' ଘରେ ଭକ୍ତଙ୍କୁ ଦେବେ ଦର୍ଶନ

**ଚୈତ୍ର ମାସ ଅବସରରେ ନବରଙ୍ଗପୁର ଜିଲା ଉମରକୋଟ ଓ ଡାବୁଗାଁରେ ମା' ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଛି। ଭକ୍ତଙ୍କୁ ଦର୍ଶନ ଓ ଆର୍ଶୀବାଦ ଦେବାକୁ ମା'ଙ୍କ ଚଳନ୍ତି ପ୍ରତିମା ଓ କଳସ ମନ୍ଦିର ବାହାରକୁ ଆସିଛି।**

ଉମରକୋଟ, ୨୩।୩(ସନ୍ତୋଷ ଶତପଥୀ)

ମା ଜଗତ ଜନନୀ ଠାକୁରାଣୀଙ୍କ ନବଦିନ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଯାହାକୁ ନେଇ ଉମରକୋଟ ସହରରେ ଚଳଚଞ୍ଚଳ ହୋଇ ପଡ଼ିଛି। ସୋମବାର ପ୍ରଥମ ଦିନରେ ମାଙ୍କ ଘଣ୍ଟ କଳସ ମଙ୍ଗଳା ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ନିକଟରେ ଥିବା ବାପ ଘରେ ପହଞ୍ଚି ଥିଲା। ସେଠାରେ ରାତି ବିଶ୍ରାମ କରିବା ପରେ ମଙ୍ଗଳବାର ଗ୍ରାମବାସୀଙ୍କୁ ଦର୍ଶନ ଦେବେ। ମାନସିକଧାରୀ ଓ ଶ୍ରଦ୍ଧାଳୁ ମାଙ୍କ ନିକଟକୁ ଯାଇ ଦର୍ଶନ କରି ମୁଆଁ ପଣା ଭୋଗ କରିବେ। ବୁଧବାରଠାରୁ ମାଙ୍କ ଘଟ ସହର ପରିକ୍ରମା କରିବେ। ସୋମବାର ଝରିଗାଁ ରୋଡରେ ଥିବା ମା ଙ୍କ ମନ୍ଦିରରେ ସମସ୍ତ ରୀତି ନୀତି ଅନୁସାରେ ପୂଜା ସରିବା ପରେ ଭକ୍ତଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ଥିଲା। ଶୋଭଯାତ୍ରାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଯୋଗ ଦେଇଥିଲେ। ନବଦିନ ଯାତ୍ରା ପାଇଁ ସହର ରେ ପ୍ରବଳ ଭିଡ ହୋଇଥାଏ ତେଣୁ କୌଣସି ଅଘଟଣ ଯେପରି ନଘଟିବ ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ମୀନାବଜାର ମଧ୍ୟ ଆସିଛି। ପଡୋଶୀ ଛତିଶଗଡ଼, ଆନ୍ଧ୍ର ଓ ମହାରାଷ୍ଟ୍ରରୁ ଅନେକ ଘରୋଇ ଉପକରଣ, ଘରସଜା ଓ ହସ୍ତକଳା ଜିନିଷକୁ ନେଇ ଷ୍ଟଲ ଖୋଲାଯାଇଛି।


ଉମରକୋଟରେ ମା'ଙ୍କୁ ଶୋଭାଯାତ୍ରାରେ ମା' ଘର ପର୍ଯ୍ୟନ୍ତ ଅଣାଯାଉଛି।

## ମା' ଠାକୁରାଣୀଙ୍କ କଳସୀ ଯାତ୍ରା ଆରମ୍ଭ



ଡାବୁଗାଁ, (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରରେ ସୋମବାର ସନ୍ଧ୍ୟାରେ ମା'ଠାକୁରାଣୀଙ୍କ କଳସୀ ଯାତ୍ରା ଆରମ୍ଭ ହୋଇଛି। ସନ୍ଧ୍ୟାରେ ମା ଠାକୁରାଣୀଙ୍କ କଳସୀ ମଣ୍ଡପରୁ ବାହାରିଥିଲା। ମନ୍ଦିର ପୋଖରୀରେ ପୂଜାର୍ଚ୍ଚନା କରି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଝିଅମାନେ ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ବାହାରିଥିଲେ। ମାଁ ଙ୍କ କଳସୀ ମଣ୍ଡପରେ ରାତି ପ୍ରାୟ ୧୧ଟାରେ ପହଞ୍ଚି ସ୍ଥାପନା କରାଯାଇଛି। ଏହି ଯାତ୍ରା ୯ ଦିନ ଧରି ଚାଲିବ। ଯାତ୍ରା କମିଟି ପ୍ରଚେଷ୍ଟାରେ ଚଳିତ ବର୍ଷ ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ, ବ୍ୟାଣ୍ଡ ଆଦି ସାମିଲ ହୋଇଥିଲେ। ଭକ୍ତଙ୍କ ନୃତ୍ୟରେ ଡାବୁଗାଁ ସହର ଦୁଲୁକିଥିଲା। ଏହି କଳସ ଶୋଭାଯାତ୍ରାରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଉପସ୍ଥିତ ଥିଲେ। କମିଟି ସଭାପତି ସତ୍ୟ ରଞ୍ଜନ ପାତ୍ର, ଉପସଭାପତି ପାପନା ରେଲି, ବିନୋଦ ସୌରା, କୋଷାଧ୍ୟକ୍ଷ ଭି. କୁନୁ ପାତ୍ର ଓ ସୁରେନ୍ଦ୍ର ରେଲିଙ୍କ ସହ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଏମ୍. ଆପ୍ପା ରାଓ, ଜୟନ୍ତ କୁମାର ପାତ୍ରଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

